# NATIONAL NEWS BULLETIN (ODIA)

## 16 November - 2025

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ହରିୟାଣାର ଫରିଦାବାଦରେ ଆସନ୍ତାକାଲି ଅନୁଷ୍ଠିତ ହେବ ଉତ୍ତର ଜୋନାଲ ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ।
- ଦ୍ୱିପାକ୍ଷିକ ସାମରିକ ଅଭ୍ୟାସ ଗରୁଡ ୨୫ର ଅଷ୍ଟମ ସଂସ୍କରଣରେ ଫ୍ରାନ୍ସ ସହ ଅଂଶଗ୍ରହଣ କରିବ ଭାରତୀୟ ବାୟୁସେନା ।
- ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ବିରୋଧରେ ଦୁଇଟି ଏତଲା ଦାୟର କଲା କ୍ରାଇମବ୍ରାଞ୍ଚ ।
- ଖାଦ୍ୟ ଆମଦାନୀ ଉପରେ ଶୁଳ୍କ ହ୍ରାସ କଲା ଆମେରିକା ।

ଏବଂ

- ଇଡେନ ଗାର୍ଡେନ୍ ଟେଷ୍ଟରେ ଆଜି ଭାରତ ବିପକ୍ଷରେ ୯୩ରନ୍‌ରୁ ଦ୍ୱିତୀୟ ଇନିଂସ୍ ଜାରି ରଖିବ ଦକ୍ଷିଣ ଆଫ୍ରିକା ।

## ଶାହା-ଏନ୍‌ଜେସି ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସନ୍ତାକାଲି ହରିୟାଣାର ଫରିଦାବାଦରେ ଉତ୍ତର ଜୋନାଲ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିବେ । ପଞ୍ଜାବ, ହରିୟାଣା ଏବଂ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ, ଦିଲ୍ଲୀ, ଜମ୍ମୁ

କାଶ୍ମୀର ଏବଂ ଲଦାଖର ଉପରାଜ୍ୟପାଳ ଏବଂ ଚଣ୍ଡିଗଡ଼ର ପ୍ରଶାସକ ବୈଠକରେ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ସୂଚନା ଅନୁଯାୟୀ, ୩୨ତମ ଉତ୍ତର ଜୋନାଲ ପରିଷଦ ବୈଠକରେ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ, ଜଳ ବଂଟନ ପ୍ରସଙ୍ଗ ଏବଂ ବିକାଶ କାର୍ଯ୍ୟ ଉପରେ ଆଲୋଚନା ହେବାର ଆଶା କରାଯାଉଛି। ଅନେକ ରାଜ୍ୟ ଏବଂ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ସମନ୍ୱିତ ଅଭିଯାନରେ ଫରିଦାବାଦରେ ବିପୁଳ ପରିମାଣର ବିସ୍ଫୋରକ ଉଦ୍ଧାର ଓ ଆତଙ୍କବାଦୀ କାର୍ଯ୍ୟର ପର୍ଦ୍ଦାଫାଶ ହେବାର କିଛି ଦିନ ପରେ ଏହି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି।

ଉତ୍ତର ଜୋନାଲ ପରିଷଦ ବୈଠକ ବିଷୟରେ କୁହାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜୋନାଲ ପରିଷଦର ଭୂମିକାରେ ଅନେକ ପରିବର୍ତ୍ତନ ହୋଇଛି। ଦେଶର ବିକାଶ ଏବଂ ସୁରକ୍ଷା ଦୃଷ୍ଟିକୋଣରୁ ଉତ୍ତର ଜୋନାଲ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ଡିଫେନ୍ସ - ଗରୁଡ ଏକ୍ସପ୍ରେସ

ଭାରତୀୟ ବାୟୁସେନା ଆଜିଠାରୁ ଫ୍ରାନ୍ସରେ ଦ୍ୱିପାକ୍ଷିକ ସାମରିକ ଅଭ୍ୟାସ - ଗରୁଡ ୨୫ର ଅଷ୍ଟମ ସଂସ୍କରଣରେ ଅଂଶଗ୍ରହଣ କରିବ। ଚଳିତ ମାସ ୨୭ ତାରିଖ ପର୍ଯ୍ୟନ୍ତ ଫରାସୀ ବାୟୁ ଏବଂ ମହାକାଶ ବାହିନୀ ସହିତ ଏହି ଅଭ୍ୟାସ କରିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ରଣନୀତିକ ପ୍ରକ୍ରିୟାଗୁଡ଼ିକୁ ସୁଧାରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଦୁଇ ଦେଶର ବାୟୁସେନା ମଧ୍ୟରେ ବୃତ୍ତିଗତ ଆଲୋଚନା, ଜ୍ଞାନ ଆଦାନପ୍ରଦାନ ଏବଂ ସର୍ବୋତ୍ତମ ଅଭ୍ୟାସ ପାଇଁ ସୁଯୋଗ ପ୍ରଦାନ କରିବ।

ଅଭ୍ୟାସ ସମୟରେ, ଭାରତୀୟ ବାୟୁସେନାର 'ସୁ-ଥାର୍ଟି ଏମକେଆଇ' ବିମାନ ଫରାସୀ ଲଢୁଆ ଯୁଦ୍ଧ ବିମାନ ସହିତ କାର୍ଯ୍ୟ କରିବ, ଯାହା ଆକାଶରୁ ଆକାଶ ଯୁଦ୍ଧ, ବାୟୁ ପ୍ରତିରକ୍ଷା ଏବଂ ମିଳିତ ଆକ୍ରମଣ କାର୍ଯ୍ୟ ଉପରେ ଆଧାରିତ ହେବ।

## ପିଏମ୍ ମଣିପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଣିପୁରର କାଙ୍ଗପୋକପି ଜିଲ୍ଲାର ସୋଙ୍ଗପେଜାଙ୍ଗ ଗାଁରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାଙ୍ଗପୋକପି ଡେପୁଟି କମିଶନର ମହେଶ ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ସେଠାକାର ଉପ ସଚିବ କହିଛନ୍ତି, ଜିଲ୍ଲାରେ ପୂର୍ବରୁ ସାପୋରମେନାରେ ଗୋଟିଏ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଥିବା ବେଳେ, ନୂତନ ସ୍କୁଲଟି ଆଖପାଖ ଅଂଚଳ ଏବଂ ଉପଖଣ୍ଡ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ଥ ହେବ।

ଗୁଜରାଟରେ ଗତକାଲି ରାଷ୍ଟ୍ରୀୟ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା।

# ଭଗବତ ଇଣ୍ଟେଗ୍ରାଲ ହ୍ୟୁମାନାଇଜିମ୍

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘ ଚାଳକ ମୋହନ ଭାଗବତ କହିଛନ୍ତି, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଦେଶ, ସମୟ ଏବଂ ପରିସ୍ଥିତିର ଆବଶ୍ୟକତା ଅନୁଯାୟୀ ସନାତନ ଦର୍ଶନକୁ ଅଖଣ୍ଡ ମାନବ ଦର୍ଶନ ଭାବରେ ଉପସ୍ଥାପନ କରି ଆଧୁନିକ ବିଶ୍ୱରେ ଏହାର ପ୍ରସାର କରିଥିଲେ। ସେ କହିଛନ୍ତି ଯେ ଯଦିଓ ଏହି ଦର୍ଶନ ୬୦ ବର୍ଷ ପୂର୍ବେ ଆନୁଷ୍ଠାନିକ ଭାବରେ ଉପସ୍ଥାପିତ ହୋଇଥିଲା, କିନ୍ତୁ ଆଜି ଏହାର ପ୍ରାସଙ୍ଗିକତା ସାରା ବିଶ୍ୱରେ ବ୍ୟାପ୍ତ। ଶ୍ରୀ ଭାଗବତ' ଜୟପୁରରେ ଅଖଣ୍ଡ ମାନବ ଦର୍ଶନ ଗବେଷଣା ଏବଂ ବିକାଶ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଦୀନଦୟାଲ ସ୍ମାରକୀ ବକ୍ତୃତା ପ୍ରଦାନ ଅବସରରେ କହିଛନ୍ତି, ଅଖଣ୍ଡ ମାନବ ଦର୍ଶନର ସାର ଗୋଟିଏ ଶବ୍ଦରେ ବୁଝିହେବ ଓ ତାହା ହେଉଛି ଧର୍ମ। 'ଧର୍ମ' ସଂପ୍ରଦାୟ କିମ୍ବା ଧମର୍କୁ ବୁଝାଏ ନାହିଁ ବୋଲି ସ୍ପଷ୍ଟ କରି ସେ କହିଛନ୍ତି, ଏହା ଏକ ଗନ୍ତବ୍ୟସ୍ଥଳ ଏବଂ ଏକ ସାର୍ବଜନୀନ ଦୃଷ୍ଟିକୋଣକୁ ସୂଚିତ କରେ ଯାହା ସମସ୍ତଙ୍କୁ ସାମିଲ ହେବାକୁ ସୁଯୋଗ ପ୍ରଦାନ କରିଥାଏ। ଆରଏସଏସ ମୁଖ୍ୟ କହିଛନ୍ତି, ବର୍ତ୍ତମାନ ବିଶ୍ୱକୁ ଏହି ଅଖଣ୍ଡ ମାନବ ଦର୍ଶନର ଧର୍ମ ଗ୍ରହଣ କରିବାକୁ ପଡିବ।

## ସିଡିଏସ୍ ଆଇଏମ୍ଏଚ୍ଏଫ୍ ଦିଲ୍ଲୀ

ପ୍ରତିରକ୍ଷା ବିଭାଗ ମୁଖ୍ୟ ଜେନେରାଲ ଅନିଲ ଚୌହାନ କହିଛନ୍ତି ଯେ, ଏକ ରାଷ୍ଟ୍ରକୁ ସୁରକ୍ଷିତ ରଖିବା କୂଟନୀତି, ଅର୍ଥନୀତି ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭର କରେ। ସେ ଦେଶର ଜାତୀୟ ସୁରକ୍ଷା ଢାଂଚା ଓ ସମସ୍ତ ସେବା ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଦିଲ୍ଲୀରେ ଭାରତୀୟ ସାମରିକ ଐତିହ୍ୟ ମହୋତ୍ସବରେ ଏକ ସାଧାରଣ ସମାବେଶକୁ ସମ୍ବୋଧିତ କରି, ପ୍ରତିରକ୍ଷା ବିଭାଗ ମୁଖ୍ୟ ଜେନେରାଲ ଚୌହାନ ମିଶନର ସୁରକ୍ଷା, ପ୍ରତିରକ୍ଷା ଏବଂ ଜରୁରୀ ସାମରିକ ପ୍ରସ୍ତୁତି ସଂର୍ପକରେ କହିଥିଲେ।

## ଦିଲ୍ଲୀ-ଅଲ୍ ଫଲାହ ଏଫ୍ଆଇଆର୍

ଦିଲ୍ଲୀ କ୍ରାଇମ୍ ବ୍ରାଞ୍ଚ, ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ ବିରୁଦ୍ଧରେ ଦୁଇଟି ପୃଥକ ଏତଲା ଦାୟର କରିଛି। ଗୋଟିଏ ଏତଲା ଠକେଇ ପାଇଁ ଓ ଅନ୍ୟଟି ଜାଲିଆତି ଧାରା ଅଧୀନରେ ଦାୟର କରାଯାଇଛି। କ୍ରାଇମ୍ ବ୍ରାଞ୍ଚ ୟୁନିଟର ଏକ ଦଳ ଗତକାଲି ନୂଆଦିଲ୍ଲୀର ଓଖଲାରେ ଥିବା ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲା। ଦିଲ୍ଲୀ ପୋଲିସ ବିଶ୍ୱବିଦ୍ୟାଳୟକୁ ଏକ ନୋଟିସ୍ ଜାରି କରି ସେମାନଙ୍କଠାରୁ କେତେକ ଦସ୍ତାବିଜ ଦେବା ଲାଗି ନିର୍ଦ୍ଦେଶ ଦେଇଥିବା

ଜଣାପଡିଛି। ଏଥିରେ କୁହାଯାଇଛି ଯେ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ - ୟୁଜିସି ଏବଂ ଜାତୀୟ ମୂଲ୍ୟାଙ୍କନ ଓ ମାନ୍ୟତା ପରିଷଦ - ନାକ' ସମୀକ୍ଷା ସମୟରେ ବିଶ୍ୱବିଦ୍ୟାଳୟରେ ଗୁରୁତର ଅନିୟମିତତା ହୋଇଥିବା ଜାଣିବାକୁ ପାଇବା ପରେ ଏତଲା ଦାୟର  କରାଯାଇଛି। ଧାରା ୧୨ ଅନୁଯାୟୀ ଉଲ୍ଲଂଘନ ପାଇଁ ପ୍ରଥମ ଏତଲା ଦାୟର କରାଯାଇଥିବାବେଳେ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ମିଥ୍ୟା ମାନ୍ୟତା ଦାବି ନେଇ ଦ୍ୱିତୀୟ ଏତଲା ଦାୟର କରାଯାଇଛି।

## ଟ୍ରମ୍ପ-ଫୁଡ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାଦ୍ୟ ଆମଦାନୀ ଉପରେ ଶୁଳ୍କ ହ୍ରାସ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଭାରତର ଆମ୍ବ, ଡାଳିମ୍ବ ଏବଂ ଚା' ରପ୍ତାନି ଲାଭବାନ ହେବାର ସମ୍ଭାବନା ଅଛି। ହ୍ୱାଇଟ୍ ହାଉସ୍ ଫ୍ୟାକ୍ଟସିଟ୍‌ରେ ଉଲ୍ଲେଖ କରାଯାଇଥିବା ଅନ୍ୟ ସାମଗ୍ରୀଗୁଡ଼ିକ ମଧ୍ୟରେ କଫି ଏବଂ ଚା, କୋକୋ, କମଳା, ଟମାଟୋ ଏବଂ ଗୋମାଂସ ଅନ୍ତର୍ଭୁକ୍ତ। ଟ୍ରମ୍ପ ପୂର୍ବରୁ ଭାରତରୁ ଆମଦାନୀ ଉପରେ ୨୫ ପ୍ରତିଶତ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ, ଟ୍ରମ୍ପ ପୂର୍ବରୁ ଜେନେରିକ୍ ଔଷଧକୁ ଶୁଳ୍କ ମୁକ୍ତ କରିଥିଲେ। ଆମେରିକାର ନିର୍ଦ୍ଧାରିତ ଜେନେରିକ୍ ଔଷଧର ୪୭ ପ୍ରତିଶତ ଭାରତ ଯୋଗାଣ କରିଥାଏ।

# ରାମାଫୋସା-ୟୁଏସ୍ ଜି-୨୦

ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମଫୋସା ପୁଣି କହିଛନ୍ତି ଯେ ଆଗାମୀ ଜି-ଟ୍ୱେଣ୍ଟି ବୈଠକରେ ଆମେରିକା ଅଂଶଗ୍ରହଣ ନ କରିବା ସତ୍ତ୍ୱେ ପୂର୍ବ ଯୋଜନା ଅନୁଯାୟୀ ବୈଠକ ହେବ। ଜୋହାନ୍ସବର୍ଗର କ୍ଲିପ୍‌ଟାଉନରେ ଶ୍ରୀ ରାମଫୋସା କହିଛନ୍ତି ଯେ ଦକ୍ଷିଣ ଆଫ୍ରିକା' ବିଶ୍ୱ ନେତାମାନଙ୍କୁ ସ୍ୱାଗତ କରିବା ଏବଂ ଏକ ସଫଳ ବୈଠକ କରିବା ପାଇଁ ପ୍ରସ୍ତୁତ। ଅଧିକାଂଶ ଜି-ଟ୍ୱେଣ୍ଟି ନେତା ସେମାନଙ୍କ ଯୋଗଦାନ ନିଶ୍ଚିତ କରିଥିବାରୁ ଏହି ସମ୍ମିଳନୀ ନିଶ୍ଚିତ ହେବ । ଶ୍ରୀ ରାମଫୋସା କହିଛନ୍ତି ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରଂପ ଆଫ୍ରିକୀୟମାନଙ୍କ ପ୍ରତି ଦୁର୍ବ୍ୟବହାର ଏବଂ ନରସଂହାରର ଅଭିଯୋଗ ଉଠାଇ ସମସ୍ତ ଆମେରିକୀୟ ପ୍ରତିନିଧିଙ୍କୁ ପ୍ରତ୍ୟାହାର କରିନେଇଛନ୍ତି। ଗୁରୁବାର, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଜି-ଟ୍ୱେଣ୍ଟି  ନେତାଙ୍କ ବୈଠକରେ ଯୋଗ ନଦେବା ପାଇଁ ଆମେରିକାର ନିଷ୍ପତ୍ତି ସତ୍ତ୍ୱେ ଦେଶର ଜି-ଟ୍ୱେଣ୍ଟି ପ୍ରଭାବଶାଳୀ ଓ ସଫଳ ରହିବ।

ଦକ୍ଷିଣ ଆଫ୍ରିକାର ସର୍ବବୃହତ ସହର ଏବଂ ଅର୍ଥନୈତିକ କେନ୍ଦ୍ର ଜୋହାନ୍ସର୍ବଗରେ ନଭେମ୍ବର ୨୨ ଏବଂ ୨୩ ତାରିଖରେ ଜି-ଟ୍ୱେଣ୍ଟି ନେତାଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ସେ କହିଛନ୍ତି ଯେ ବୈଠକ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

# ସାବରୀମାଳା ଓପନ

କେରଳରେ, ସାବରୀମାଳା ମନ୍ଦିର ଆଜି ସନ୍ଧ୍ୟାରେ ବାର୍ଷିକ ମଣ୍ଡଳ-ମକରଭିଲାକ୍କୁ ତୀର୍ଥ ଋତୁ ପାଇଁ ଖୋଲିବ। ଟ୍ରାଭାଙ୍କୋର ଦେବସ୍ୱମ ବୋର୍ଡ କହିଛି ଯେ ସମସ୍ତ ବ୍ୟବସ୍ଥା ସମାପ୍ତ ହୋଇଛି। ଗଭର୍ଗୃହ ସନ୍ଧ୍ୟା ୫ଟାରେ ଖୋଲିବ ଓ ଏହି ସମୟରେ ଇ.ଡି. ପ୍ରସାଦ' ସାବରୀମାଳାର ଏବଂ ଏମ୍.ଜି ମନୁ' ମଲିକାପୁରମର ନୂତନ ମୁଖ୍ୟ ପୂଜକ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ନବନିଯୁକ୍ତ ଦେବସ୍ୱମ ବୋର୍ଡ ସଭାପତି କେ ଜୟକୁମାର ଆଜି ସନ୍ନିଧାନମରେ ପହଂଚିବେ। ତୀଥର୍ଯାତ୍ରା ପୂର୍ବରୁ, ସନ୍ନିଧାନମ, ପାମ୍ବା ଏବଂ ଟ୍ରେକିଂ ରୁଟରେ ସମସ୍ତ ବ୍ୟବସ୍ଥା ଚୂଡାନ୍ତ ହୋଇଛି। ପ୍ରତିଦିନ ମୋଟ ୯୦ ହଜାର ତୀଥର୍ଯାତ୍ରୀଙ୍କୁ ଅନୁମତି ଦିଆଯିବ। ଅନଲାଇନ୍ ଭର୍ଚୁଆଲ୍ କ୍ୟୁ ବୁକିଂ ମାଧ୍ୟମରେ ୭୦ ହଜାର ଏବଂ ସ୍ପଟ୍ ବୁକିଂ ମାଧ୍ୟମରେ ୨୦ ହଜାର ଜଣଙ୍କୁ ଅନୁମତି ଦିଆଯିବ।

# ସିଏମ୍-ରାଜସ୍ଥାନ

ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଡୁଙ୍ଗରପୁରର ଏସବିପି କଲେଜ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଗୌରବ ଦିବସ ସମାରୋହରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା' ରାଜ୍ୟର ଚାଷୀ ଏବଂ ଆଦିବାସୀ ଛାତ୍ରମାନଙ୍କ ପାଇଁ ପ୍ରୋତ୍ସାହନ ଘୋଷଣା କରିଛନ୍ତି।

ସେ ଆଦିବାସୀ ସଂପ୍ରଦାୟର କଲ୍ୟାଣ ପାଇଁ ୬୨ କୋଟି ଟଙ୍କାର ୨୪ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଏବଂ ୨୫ କୋଟି ଟଙ୍କାର ୩୧ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି। ସେ ଜୟପୁରର ଜନଜାତୀ ଭବନରେ ଆଇଆଇଟି-ଜେଇଇ, ନିଟ୍ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ୬୦ ଜଣ ଆଦିବାସୀ ଝିଅଙ୍କ ଏକ ଆବାସିକ ବ୍ୟାଚ୍ ମଧ୍ୟ ଉଦଘାଟନ କରିଛନ୍ତି। ପରେ, ମୁଖ୍ୟମନ୍ତ୍ରୀ ସ୍କୁଲ ପୋଷାକ, ଷ୍ଟେସନାରୀ ଏବଂ ଅତ୍ୟାବଶ୍ୟକୀୟ ଶୈକ୍ଷିକ ସାମଗ୍ରୀ ପାଇଁ ୧୨ ହଜାର ଆଦିବାସୀ ଛାତ୍ରୀଙ୍କୁ ୪କୋଟି ୮ଲକ୍ଷ ଟଙ୍କା ହସ୍ତାନ୍ତର କରିଛନ୍ତି। ଏହା ସହିତ, କୃଷି ସମ୍ବନ୍ଧୀୟ ଯୋଜନା ଅଧୀନରେ ୫୩ ହଜାର ୪୬୬ ଜଣ ହିତାଧିକାରୀଙ୍କ ଆକାଉଂଟକୁ ସିଧାସଳଖ ୨୦୪ କୋଟି ଟଙ୍କା ସ୍ଥାନାନ୍ତର କରାଯାଇଛି।

## ପୀୟୁଷ ଗୋୟଲ-ଶ୍ରୀ ସତ୍ୟସାଇ

ଶ୍ରୀ ସତ୍ୟ ସାଇ ବାବାଙ୍କ ଶତବାର୍ଷିକୀ ପାଳନର ଅଂଶ ଭାବରେ ଗତକାଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ପୁଟ୍ଟପର୍ତିର ପ୍ରଶାନ୍ତି ନୀଳୟମ ପରିଦର୍ଶନ କରିଛନ୍ତି। ଟ୍ରଷ୍ଟି ଆର.ଜେ. ରତ୍ନାକର, ଜିଲ୍ଲାପାଳ ଶ୍ୟାମ ପ୍ରସାଦ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ।

କେନ୍ଦ୍ରମନ୍ତ୍ରୀ ମହାସମାଧିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଭଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେ' ଶ୍ରୀ ସତ୍ୟସାଇ ବାବାଙ୍କୁ ବିଶ୍ୱବ୍ୟାପୀ ଶାନ୍ତି ଏବଂ ପ୍ରେମର ବାର୍ତ୍ତା ପ୍ରଚାରକାରୀ ଜଣେ ମହାନ ଆତ୍ମା ଭାବରେ ପ୍ରଶଂସା

କରିଥିଲେ। ୨୦୧୬ରେ ତାଙ୍କର ପ୍ରଥମ ଗସ୍ତକୁ ମନେ ପକାଇ ସେ କହିଛନ୍ତି ଯେ ପ୍ରଶାନ୍ତି ନୀଳୟମ୍‌ର ଶାନ୍ତି ଅତୁଳନୀୟ। ସାଇ ଅନୁଷ୍ଠାନଗୁଡ଼ିକ ଉତ୍ତମ ଛାତ୍ର ସୃଷ୍ଟି କରିବା ଏବଂ ସମାଜ ପ୍ରତି ବାବାଙ୍କ ନିଃସ୍ୱାର୍ଥପର ସେବା ପାଇଁ ଶ୍ରୀ ଗୋୟଲ ପ୍ରଶଂସା କରିଥିଲେ।

## କ୍ରିକେଟ୍‌-କୋଲକାତା ଟେଷ୍ଟ

ପୁରୁଷ କ୍ରିକେଟରେ, ଦକ୍ଷିଣ ଆଫ୍ରିକା ଆଜି କୋଲକାତାର ଇଡେନ ଗାର୍ଡେନ୍ସରେ ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚର ତୃତୀୟ ଦିନରେ ୭ ୱିକେଟ୍‌ ଓ ୯୩ ରନ୍‌ରୁ ତା'ର ଦ୍ୱିତୀୟ ଇନିଂସ ପୁଣି ଆରମ୍ଭ କରିବ। ଗତକାଲି ସନ୍ଧ୍ୟାରେ ଖେଳ ଶେଷ ହେବା ସମୟରେ ଟେମ୍ବା ବାଭୁମା ୨୯ ରନ୍‌ ଏବଂ କର୍ବିନ୍‌ ବୋଶ୍‌ ୧ ରନ୍‌ କରି କ୍ରିଜ୍‌ରେ ଅଛନ୍ତି। ଦକ୍ଷିଣ ଆଫ୍ରିକା ୬୩ ରନ୍‌ରେ ଆଗୁଆ ରହିଛି।

ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ, ଦକ୍ଷିଣ ଆଫ୍ରିକା ତା'ର ପ୍ରଥମ ଇନିଂସରେ ୧୫୯ ରନ୍‌ରେ ଅଲଆଉଟ୍‌ ହୋଇଥିଲା।

## ଓମେନ - ଟି-୨୦ ୱାର୍ଲ୍ଡକପ

୨୦୨୫ ମହିଳା ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍‌ କ୍ରିକେଟ୍‌ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଂଚିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଜି କଲମ୍ବୋରେ ମ୍ୟାଚ ଖେଳାଯିବ। ସେମିଫାଇନାଲକୁ ଉନ୍ନୀତ ହୋଇସାରିଥିବା ଭାରତ' ଆମେରିକାକୁ ଦଶ ୱିକେଟରେ ପରାସ୍ତ କରି କ୍ରମାଗତ ଚତୁର୍ଥ ବିଜୟ ହାସଲ

କରିଛି। ନୂଆଦିଲ୍ଲୀରେ ବିଶ୍ୱକପ୍ ଆରମ୍ଭ ହେବା ପରଠାରୁ ଭାରତୀୟ ଦଳ ବିଜୟ ଧାରା ବଜାୟ ରଖିଛି। ଏହି ବିଶ୍ୱକପ କ୍ରିକେଟରେ ଆସନ୍ତା ୨୨ରେ ସେମିଫାଇନାଲ ଓ ୨୩ରେ ଫାଇନାଲ ଖେଳାଯିବ।